*1953*
*ମେ 22*

ନୈନ୍ ସୁଖ୍ ଦାସ୍ ଏବଂ ଅନ୍ୟଜଣେ

ବନାମ

ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ ।

[ପତଞ୍ଜଳି ଶାସ୍ତ୍ରୀ ପ୍ରଧାନ ନ୍ୟାୟାଧୀଶ, ମୁଖାର୍ଜୀଆ, ଏସ୍. ଆର୍. ଦାସ, ଗୁଲାମ୍ ହାସନ୍ ଏବଂ ଭଗବତୀ, ନ୍ୟାୟମୂର୍ତ୍ତିବୃନ୍ଦ]

*ଭାରତର ସମ୍ବିଧାନ, 1950, ଅନୁଚ୍ଛେଦ 14, 15 (1), 32- ପୌର ନିର୍ବାଚନ- ସାମ୍ପ୍ରଦାୟିକ ନିର୍ବାଚନ ମଣ୍ଡଳୀ ପ୍ରକ୍ରିୟାରେ ନିର୍ବାଚନ- ବୈଧତା -ନିର୍ବାଚିତ ପ୍ରାର୍ଥୀମାନଙ୍କୁ ପରିଷଦରେ ବସିବାକୁ ରୋକିବା ପାଇଁ ଅନୁଚ୍ଛେଦ 32 ଅନୁଯାୟୀ ଆବେଦନ- ରକ୍ଷଣାବେକ୍ଷଣ- କରଦାତାଙ୍କ ନିମନ୍ତେ ପ୍ରତିକାର ।*

ଏକ ପୌରପାଳିକାର ବାସିନ୍ଦା ଥିବା ଆବେଦନକାରୀମାନେ ଅଭିଯୋଗ କରିଛନ୍ତି ଯେ ସେମାନେ ପୌରପାଳିକା ପରିଷଦର କେତେକ ଉପ-ନିର୍ବାଚନଗୁଡ଼ିକରେ ସେମାନଙ୍କ ଭୋଟ୍ ପ୍ରୟୋଗ କରିବା ଏବଂ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ିବା ଅଧିକାରରୁ ବଞ୍ଚିତ ହୋଇଛନ୍ତି, ଯେହେତୁ ସେହି ଉପ-ନିର୍ବାଚନଗୁଡ଼ିକ ସାମ୍ପ୍ରଦାୟିକ ପ୍ରକ୍ରିୟାରେ ପୃଥକ ନିର୍ବାଚନ ମଣ୍ଡଳୀ ଆଧାରରେ ଅନୁଷ୍ଠିତ ହୋଇଥିଲା ଯାହାକି ସମ୍ବିଧାନ ବ୍ୟବସ୍ଥାର ବିପରୀତ ଥିଲା, ନିର୍ବାଚିତ ପ୍ରାର୍ଥୀମାନଙ୍କୁ ପରିଷଦର ସଦସ୍ୟ ଭାବରେ କାର୍ଯ୍ୟ କରିବାକୁ ରୋକିବାକୁ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଦେୱାନୀ ବିଚାରପତିଙ୍କୁ ପରିଷଦର କୌଣସି ବୈଠକ କରିବାକୁ ରୋକିବା ପାଇଁ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଆଜ୍ଞାଦେଶ ପାଇଁ ଆବେଦନ କରିଥିଲେ ।

*ଏହା ବିଚାର କରାଯାଇଥିଲା ଯେ,* ଯଦିଓ ବିଭିନ୍ନ ଧାର୍ମିକ ସମ୍ପ୍ରଦାୟର ସଦସ୍ୟମାନଙ୍କ ପାଇଁ ପୃଥକ ନିର୍ବାଚନ ମଣ୍ଡଳୀ ପ୍ରକ୍ରିୟାରେ ନିର୍ବାଚନ ହେବା ପାଇଁ ବ୍ୟବସ୍ଥା କରୁଥିବା ଏକ ଆଇନ ସମ୍ବିଧାନର ଅନୁଚ୍ଛେଦ 15(1)ର ଉଲ୍ଲଙ୍ଘନ କରେ ଏବଂ ସମ୍ବିଧାନ ପ୍ରଣୟନ ପରେ ଖଣ୍ଡ 4 ଅଧୀନରେ ଏପରି ଏକ ଆଇନର ଅନୁସରଣରେ ଆୟୋଜିତ ଏକ ନିର୍ବାଚନ ଅସିଦ୍ଧ ହୁଏ, ପରିଷଦକୁ ଆଇନଗତ ଭାବରେ ଗଠନ କରାଯିବା ଉଚିତ୍ ଏବଂ ଯେଉଁ ବ୍ୟକ୍ତିମାନେ ସଠିକ୍ ଭାବରେ ନିର୍ବାଚିତ ହୋଇନାହାଁନ୍ତି ସେମାନଙ୍କୁ ପରିଷଦର କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବା ଅନୁଚିତ୍ ବୋଲି ଆବେଦନକାରୀମାନେ ପୌରପାଳିକାର କରଦାତା ଭାବରେ କରିଥିବା ଦାବି ସମ୍ବିଧାନର ଅନୁଚ୍ଛେଦ 32ର ପରିସର ବାହାରେ ଥିଲା, ଯେହେତୁ ଏହିପରି

*1953*

*ନୈନ୍ ସୁଖ୍ ଦାସ୍ ଏବଂ ଅନ୍ୟଜଣେ ବନାମ ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ*

*ପତଞ୍ଜଳି ଶାସ୍ତ୍ରୀ ପ୍ରଧାନ ନ୍ୟାୟାଧୀଶ*

ଅଧିକାର, ଯଦିଓ ଏହା ବିଦ୍ୟମାନ ଥିଲା, ସମ୍ବିଧାନର ତୃତୀୟ ଭାଗ ଦ୍ୱାରା ପ୍ରଦତ୍ତ ଏକ ମୌଳିକ ଅଧିକାର ନଥିଲା ।

*ଆହୁରି ବିଚାର କରାଯାଇଥିଲା ଯେ,* ଅନୁଚ୍ଛେଦ 15(1) ଏବଂ ଅନୁଚ୍ଛେଦ 14 ଅନୁଯାୟୀ ଆବେଦନକାରୀଙ୍କ ମୌଳିକ ଅଧିକାରର କଥିତ ଉଲ୍ଲଂଘନ, ଅର୍ଥାତ୍ ସେମାନଙ୍କ ବିରୋଧରେ ଅଧିକାର ସମ୍ବନ୍ଧୀୟ ଭେଦଭାବ, ଯାହା ସେମାନେ ବାସ୍ତବରେ କେବେ ପ୍ରୟୋଗ କରିବାକୁ ଚାହିଁ ନଥିଲେ ଏବଂ ଦାବି କରିବାକୁ କୌଣସି ପଦକ୍ଷେପ ନେଇ ନଥିଲେ, ଯେତେବେଳେ ଏହା କରିବାର ସୁଯୋଗ ଥିଲା ଏବଂ ତେଣୁ ଆବେଦନକାରୀମାନେ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ କୌଣସି ପ୍ରତିକାର ପାଇବାକୁ ହକଦାର ନଥିଲେ ।

ମୂଳ ନ୍ୟାୟିକ ଅଧିକାରିତା: 1953ର ଆବେଦନ ସଂଖ୍ୟା 69 ।

ମୌଳିକ ଅଧିକାରଗୁଡିକର ପ୍ରବର୍ତ୍ତନ ପାଇଁ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଆବେଦନ ।

ଆବେଦନକାରୀଙ୍କ ପାଇଁ ଏସ୍. ସି. ଆଇଜାକସ୍ (ତାଙ୍କ ସହିତ ଜୟ ପ୍ରସାଦ୍ ଅଗ୍ରୱାଲ୍) ।

ପ୍ରତିବାଦୀ ସଂଖ୍ୟା 1 ପାଇଁ କେ. ବି. ଅସ୍ଥାନା ।

ପ୍ରତିବାଦୀ ସଂଖ୍ୟା 4 ପାଇଁ ଏସ୍. ପି. ସିହ୍ନା (ତାଙ୍କ ସହିତ ଆର୍. ପଟ୍ଟନାୟକ) ।

1953. ମେ 22 । ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ପତଞ୍ଜଳି ଶାସ୍ତ୍ରୀ ପ୍ରଧାନ ନ୍ୟାୟାଧୀଶ- ଏହା ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏକ ଆବେଦନ ଯାହା ଅନୁଚ୍ଛେଦ 15(1) ଅନୁଯାୟୀ ଆବେଦନକାରୀଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ପ୍ରତିବାଦୀମାନଙ୍କ ଦ୍ୱାରା ଏହାର କଥିତ ଉଲ୍ଲଘଂନ ବିରୁଦ୍ଧରେ ଦାବି କରିଛି ।

ଆବେଦନକାରୀମାନେ ହେଉଛନ୍ତି ଉତ୍ତରପ୍ରଦେଶର ଏଟା ସହରର ତିନି ଜଣ ବାସିନ୍ଦା । ସେମାନେ ଅଭିଯୋଗ କରିଛନ୍ତି ଯେ ନଭେମ୍ବର 2, 1951, ଡିସେମ୍ବର 8, 1951 ଏବଂ ମାର୍ଚ୍ଚ 17, 1952 ରେ ଅନୁଷ୍ଠିତ ଏଟା ପୌର ପରିଷଦର ଉପନିର୍ବାଚନରେ, ଯେଉଁଥିରେ ପ୍ରତିବାଦୀମାନେ ଯଥାକ୍ରମେ, 4, 11 ଏବଂ 12 ନିର୍ବାଚିତ ହୋଇଥିଲେ, ସେଥିରେ ଆବେଦନକାରୀମାନେ ସେମାନଙ୍କ ଭୋଟ୍ ପ୍ରୟୋଗ କରିବା ଏବଂ ପ୍ରାର୍ଥୀ ଭାବରେ ନିର୍ବାଚନ

1953
ନୈନ୍ ସୁଖ୍ ଦାସ୍ ଏବଂ ଅନ୍ୟଜଣେ ବନାମ ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ
ପତଞ୍ଜଳି ଶାସ୍ତ୍ରୀ ପ୍ରଧାନ ନ୍ୟାୟାଧୀଶ

ଲଢ଼ିବା ଅଧିକାରରୁ ବଞ୍ଚିତ ହୋଇଥିଲେ, ଯେହେତୁ ସେହି ଉପ-ନିର୍ବାଚନଗୁଡ଼ିକ ସାମ୍ପ୍ରଦାୟିକ ପ୍ରକ୍ରିୟାରେ ପୃଥକ ନିର୍ବାଚନ ମଣ୍ଡଳ ଆଧାରରେ ଅନୁଷ୍ଠିତ ହୋଇଥିଲା ଯାହାକି ସମ୍ବିଧାନ ବ୍ୟବସ୍ଥାର ବିପରୀତ ଥିଲା । ସେମାନେ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ଦ୍ୱାରା ପରିଷଦ ସଦସ୍ୟ ଭାବରେ ପ୍ରତିବାଦୀ 3ଙ୍କ ନାମାଙ୍କନ ସରକାରଙ୍କ କ୍ଷମତାର ଏକ ଅବୈଧ ପ୍ରୟୋଗ ଥିଲା, କାରଣ ଯେଉଁ ସ୍ୱାର୍ଥକୁ ସେହି ପ୍ରତିବାଦୀ ପରିଷଦରେ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଥିଲେ ତାହା ପୂର୍ବରୁ ଯଥେଷ୍ଟ ଭାବରେ ପ୍ରତିନିଧିତ୍ୱ ହୋଇସାରିଥିଲା । ପ୍ରତିବାଦୀ 3, 4, 11 ଏବଂ 12 ମାନେ କେଉଁ ଅଧିକାରରେ ପରିଷଦର ସଦସ୍ୟ ଭାବରେ କାର୍ଯ୍ୟ କରୁଛନ୍ତି ବୋଲି ଦର୍ଶାଇବା ପାଇଁ ଏବଂ ସେମାନଙ୍କୁ ଏହିପରି ସଦସ୍ୟ ଭାବରେ କାର୍ଯ୍ୟ କରିବାରୁ ରୋକିବା ପାଇଁ, ଆବେଦନକାରୀମାନେ, ତଦନୁସାରେ, ପୃଚ୍ଛା ଆଜ୍ଞାଦେଶ, ପରମ ଆଜ୍ଞାଦେଶ ଏବଂ ଅନ୍ୟାନ୍ୟ ଉପଯୁକ୍ତ ଆଜ୍ଞାଦେଶ କିମ୍ବା ନିର୍ଦ୍ଦେଶ ଜାରି କରିବାକୁ ଅନୁରୋଧ କରିଛନ୍ତି । ଆବେଦନକାରୀମାନେ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଏଟା ସହରର ଦେୱାନୀ ବିଚାରପତି, ପ୍ରତିବାଦୀ ସଂଖ୍ୟା ଯଥାକ୍ରମେ 2 ଏବଂ 13ଙ୍କୁ, ଅବୈଧ ଭାବରେ ଗଠିତ ହୋଇଥିବାର କୁହାଯାଇଥିବା ପରିଷଦର କୌଣସି ବୈଠକ ଆୟୋଜନ ନକରିବା କିମ୍ବା ଆୟୋଜନ କରିବାକୁ ଅନୁମତି ନଦେବା ପାଇଁ ନିର୍ଦ୍ଦେଶ ଦେବାକୁ ଆଜ୍ଞାଦେଶ ମାଗିଛନ୍ତି ।

ବର୍ତ୍ତମାନ, ଏହା ଗୁରୁତର ଭାବେ ବିବାଦୀୟ ନୁହେଁ ଯେ ବିଭିନ୍ନ ଧାର୍ମିକ ସମ୍ପ୍ରଦାୟର ସଦସ୍ୟମାନଙ୍କ ପାଇଁ ପୃଥକ ନିର୍ବାଚନ ମଣ୍ଡଳ ପ୍ରକ୍ରିୟାରେ ନିର୍ବାଚନ କରିବା ପାଇଁ କୌଣସି ଆଇନ ସମ୍ବିଧାନର ଅନୁଚ୍ଛେଦ 15(1) ର ଉଲ୍ଲଂଘନ କରୁଛି, ଯାହା ନିମ୍ନମତେ ଲେଖାଯାଇଛି:

"15. (1) କେବଳ ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ, ଜନ୍ମସ୍ଥାନ କିମ୍ବା ସେମାନଙ୍କ ମଧ୍ୟରୁ କୌଣସି ଆଧାରରେ ରାଜ୍ୟ କୌଣସି ନାଗରିକଙ୍କ ପ୍ରତି ଭେଦଭାବ କରିବ ନାହିଁ" ।

ଅନ୍ୟାନ୍ୟ ବିଷୟ ମଧ୍ୟରେ, ଧର୍ମ ଆଧାରରେ, କୌଣସି ନାଗରିକଙ୍କ ପ୍ରତି ଭେଦଭାବ ନକରିବା ପାଇଁ ରାଜ୍ୟକୁ ଦିଆଯାଇଥିବା ଏହି ସାମ୍ବିଧାନିକ ଆଦେଶ ରାଜନୈତିକ ତଥା ଅନ୍ୟାନ୍ୟ ଅଧିକାରକୁ ସ୍ପଷ୍ଟ ଭାବରେ ବିସ୍ତାର କରେ ଏବଂ ସମ୍ବିଧାନ ପ୍ରଣୟନ ପରେ ଖଣ୍ଡ (4) ଅନୁଯାୟୀ ଏପରି ଆଇନର ଅନୁସରଣ କରି ଅନୁଷ୍ଠିତ କୌଣସି ନିର୍ବାଚନକୁ ସମ୍ବିଧାନ ବିରୋଧୀ ଭାବରେ ଅସିଦ୍ଧ ଘୋଷଣା କରାଯିବା ଉଚିତ । କିନ୍ତୁ ପ୍ରଶ୍ନ ହେଉଛି ଆବେଦନକାରୀମାନେ ବର୍ତ୍ତମାନ ଅନୁଚ୍ଛେଦ 32 ଅନୁଯାୟୀ ଏହି ଆବେଦନରେ ସେମାନେ ଚାହୁଁଥିବା ପ୍ରତିକାର ପାଇବାକୁ ହକଦାର କି ନୁହେଁ ।

*1953*

*ନୈନ୍ ସୁଖ୍ ଦାସ୍ ଏବଂ ଅନ୍ୟଜଣେ*

*ବନାମ*

*ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ*

*ପତଞ୍ଜଳି ଶାସ୍ତ୍ରୀ ପ୍ରଧାନ ନ୍ୟାୟାଧୀଶ*

ଏହା ସତ୍ୟ ଯେ, ଯେପରି *କ୍ରସ ରୋଡସ୍ ମାମଲାରେ*[1] ଦର୍ଶାଯାଇଛି, ଅନୁଚ୍ଛେଦ 32, କେତେକ ଦୃଷ୍ଟିରୁ, ଅନୁଚ୍ଛେଦ 226 ଦ୍ୱାରା ଉଚ୍ଚ ନ୍ୟାୟାଳୟ ମାଧ୍ୟମରେ ପ୍ରଦାନ କରୁଥିବା ପ୍ରତିକାର ବ୍ୟବସ୍ଥା ଠାରୁ ଏହି ନ୍ୟାୟାଳୟ ମାଧ୍ୟମରେ ଏକ ଅଧିକ ପ୍ରଭାବଶାଳୀ ପ୍ରତିକାର ବ୍ୟବସ୍ଥା ପ୍ରଦାନ କରେ । କିନ୍ତୁ ପ୍ରତିକାରର ପରିସର ସ୍ପଷ୍ଟ ଭାବରେ ସଂକୀର୍ଣ୍ଣ କାରଣ ଏହା କେବଳ ସମ୍ବିଧାନର ତୃତୀୟ ଭାଗ ଦ୍ୱାରା ପ୍ରଦତ୍ତ ମୌଳିକ ଅଧିକାରର କାର୍ଯ୍ୟକାରିତା ମଧ୍ୟରେ ସୀମିତ । ଉଦାହରଣ ସ୍ୱରୂପ, କୌଣସି ଅଧିକାର ଯାହା ଆବେଦନକାରୀମାନେ ପୌରପାଳିକାର କରଦାତା ଭାବରେ ଦାବି କରିପାରନ୍ତି ଯେ ପରିଷଦ ଆଇନଗତ ଭାବରେ ଗଠିତ ହେବା ଉଚିତ ଏବଂ ପ୍ରତିବାଦୀ 3, 4, 11 ଏବଂ 12, ଯେଉଁମାନେ ସଠିକ୍ ଭାବରେ ନିର୍ବାଚିତ କିମ୍ବା ମନୋନୀତ ସଦସ୍ୟ ନୁହଁନ୍ତି, ସେମାନଙ୍କୁ ପରିଷଦର କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବା ଉଚିତ ନୁହେଁ, ଏହା ଅନୁଚ୍ଛେଦ 32ର ପରିସର ବାହାରେ, ଯେହେତୁ ଏପରି ଅଧିକାର, ଯଦିଓ ଏହା ବିଦ୍ୟମାନ ଅଛି, ତୃତୀୟ ଭାଗ ଦ୍ୱାରା ପ୍ରଦତ୍ତ ଏକ ମୌଳିକ ଅଧିକାର ନୁହେଁ ।

ଆବେଦନକାରୀଙ୍କ ବିଜ୍ଞ ଓକିଲ ତଥାପି ଯୁକ୍ତି ଦର୍ଶାଇଥିଲେ ଯେ ଭାରତର ନାଗରିକ ଭାବରେ ଆବେଦନକାରୀଙ୍କୁ ଅନୁଚ୍ଛେଦ 15(1) ଦ୍ୱାରା ପ୍ରଦତ୍ତ ମୌଳିକ ଅଧିକାରକୁ ଉଲ୍ଲଂଘନ କରାଯାଇଛି, ଯେଉଁ ଆଧାରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଯାହା ଆବେଦନକାରୀଙ୍କ ବିରୋଧରେ ସେମାନଙ୍କ ଧର୍ମ ଆଧାରରେ ଭେଦଭାବ କରିଥିଲା କାରଣ ଏହା ସେମାନଙ୍କୁ ସମସ୍ତ ପ୍ରାର୍ଥୀଙ୍କ ସମ୍ପର୍କରେ ସେମାନଙ୍କ ମତାଧିକାର ପ୍ରୟୋଗ କରିବାରେ ଏବଂ ସାମ୍ପ୍ରଦାୟିକ ପ୍ରକ୍ରିୟାରେ ଆସନ ସଂରକ୍ଷଣକୁ ବିଚାର ନକରି ନିର୍ବାଚନ ଲଢ଼ିବାରେ ବାରଣ କରିଥିଲା । ବିଜ୍ଞ ଓକିଲ ଏହା ମଧ୍ୟ ନିବେଦନ କରିଥିଲେ ଯେ ସାମ୍ପ୍ରଦାୟିକ ପ୍ରକ୍ରିୟାରେ ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ନିର୍ଦ୍ଧାରଣ ଆବେଦନକାରୀମାନଙ୍କୁ ସେମାନଙ୍କର ରାଜନୈତିକ ଅଧିକାର ପ୍ରସଙ୍ଗରେ ସମାନତାର ପ୍ରତ୍ୟାଖ୍ୟାନ ଏବଂ ସେହି ଦୃଷ୍ଟିରୁ ଅନୁଚ୍ଛେଦ 14 ଅନୁଯାୟୀ ସେମାନଙ୍କର ମୌଳିକ ଅଧିକାରକୁ ମଧ୍ୟ ଉଲ୍ଲଂଘନ କରେ । ଆମେ ଏହି ଯୁକ୍ତିକୁ ସ୍ୱୀକାର କରିପାରୁନାହୁଁ ।

ଏହା ସ୍ପଷ୍ଟ ଯେ ଅନୁଚ୍ଛେଦ 15(1) ଦ୍ୱାରା ପ୍ରଦତ୍ତ ମୌଳିକ ଅଧିକାର ଜଣେ ନାଗରିକଙ୍କୁ ବ୍ୟକ୍ତିଗତ ଭାବରେ ପ୍ରଦାନ କରାଯାଇଛି ଏବଂ ସାଧାରଣତଃ ଜଣେ ନାଗରିକ ଭାବରେ ତାଙ୍କ ସହ ଜଡ଼ିତ ଅଧିକାର, ବିଶେଷାଧିକାର ଏବଂ ଆଇନଗତ ରିହାତି ପ୍ରସଙ୍ଗରେ ତାଙ୍କୁ ଭେଦଭାବ କରାଯିବା ବିରୋଧରେ ଏକ ପ୍ରତ୍ୟାଭୂତି । ଆବେଦନକାରୀଙ୍କ କ୍ଷେତ୍ରରେ ଏହା ନୁହେଁ ଯେ,

[1] [1950] S.C.R. 594.

*1953*

*ନୈନ୍ ସୁଖ୍ ଦାସ୍ ଏବଂ ଅନ୍ୟଜଣେ ବନାମ ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ*

*ପତଞ୍ଜଳି ଶାସ୍ତ୍ରୀ ପ୍ରଧାନ ନ୍ୟାୟାଧୀଶ*

ସେମାନଙ୍କ ବିରୋଧରେ କୌଣସି ପ୍ରକାର ଭେଦଭାବ ବର୍ତ୍ତମାନ କରାଯାଉଛି କିମ୍ବା କ୍ଷତି କରିବା ପାଇଁ ଭୟ ଦେଖାଯାଉଛି । ସେମାନଙ୍କର ଅଭିଯୋଗ ହେଉଛି ଯେ ସାମ୍ପ୍ରଦାୟିକ ପ୍ରକ୍ରିୟାରେ ଗଠିତ ପୃଥକ ନିର୍ବାଚକମଣ୍ଡଳୀ ଦ୍ୱାରା ନିର୍ବାଚନ ପଦ୍ଧତିରେ ନିଜ ନିଜ ସମ୍ପ୍ରଦାୟ ପାଇଁ ସଂରକ୍ଷିତ ଆସନ ବ୍ୟତୀତ ଅନ୍ୟ ଆସନ ସମ୍ବନ୍ଧରେ ସେମାନଙ୍କ ପ୍ରତି ଭେଦଭାବ ରହିଥିଲା, ଯେଉଁଥିରେ ସେମାନେ ନିଜର ମତଦାନ ଅଧିକାର କିମ୍ବା ପ୍ରାର୍ଥୀ ଭାବରେ ଠିଆ ହେବାର ଅଧିକାର ପ୍ରୟୋଗ କରିପାରିନଥିଲେ । ଏପରି କୌଣସି ବିଚାର ଉପସ୍ଥାପନ କରାଯାଇନାହିଁ ଯେ ଆବେଦନକାରୀମାନେ ଏହି ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ନିର୍ବାଚନକୁ ବନ୍ଦ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଥିଲେ । ବାସ୍ତବରେ, ଆବେଦନକାରୀମାନେ ପୃଥକ ନିର୍ବାଚନ ମଣ୍ଡଳୀର ପୁରୁଣା ବ୍ୟବସ୍ଥାରେ ଆୟୋଜିତ ହେଉଥିବା ନିର୍ବାଚନକୁ ସ୍ୱୀକୃତି ଦେଇଥିଲେ ଏବଂ ପୂର୍ବତନ ଅଧ୍ୟକ୍ଷଙ୍କ ବିରୋଧରେ ନିକଟରେ ଏକ ଅବିଶ୍ୱାସ ପ୍ରସ୍ତାବ ଆଗତ ନହେବା ପର୍ଯ୍ୟନ୍ତ ସେମାନେ ସେମାନଙ୍କ ବିରୋଧରେ କୌଣସି ଭେଦଭାବ କରାଯାଇଥିବାର ଅନୁଭବ କରିନଥିଲେ । ତେଣୁ, ଅନୁଚ୍ଛେଦ 15(1) ଏବଂ ଅନୁଚ୍ଛେଦ 14 ଅନୁଯାୟୀ ସେମାନଙ୍କ ମୌଳିକ ଅଧିକାରର ଉଲ୍ଲଙ୍ଘନ, ଅର୍ଥାତ୍ ସେମାନଙ୍କ ବିରୋଧରେ ପ୍ରଚଳିତ ଭେଦଭାବ, ଯାହା ବିଷୟରେ ସେମାନେ ବର୍ତ୍ତମାନ ଅଭିଯୋଗ କରୁଛନ୍ତି, ସେହି ଅଧିକାର ସମ୍ବନ୍ଧରେ ସେମାନେ ବାସ୍ତବରେ କଦାପି ତାହାର ପ୍ରୟୋଗ କରିବାକୁ ଚାହିଁନଥିଲେ ଏବଂ ଦାବି କରିବାକୁ କୌଣସି ପଦକ୍ଷେପ ନେଇନଥିଲେ, ଯଦିଓ ଏପରି କରିବା ପାଇଁ ସେବେ ସୁଯୋଗ ମଧ୍ୟ ଥିଲା, ଏବଂ ଯାହାର ପ୍ରୟୋଗ ପାଇଁ ବର୍ତ୍ତମାନ ସୁଯୋଗ ନଷ୍ଟ ହୋଇଯାଇଛି । କିନ୍ତୁ, ଶ୍ରୀଯୁକ୍ତ ଆଇଜାକସ୍ ଯୁକ୍ତି କରନ୍ତି ଯେ, ପ୍ରତିବାଦୀ 4, 11 ଏବଂ 12ଙ୍କ ନିର୍ବାଚନ ଅସିଦ୍ଧ ହୋଇଥିବାରୁ, ସେମାନେ କେବଳ ଜବରଦଖଲକାରୀଙ୍କ ଠାରୁ ଅଧିକା ଆଉ କିଛି ନୁହଁନ୍ତି, ଏବଂ ଆବେଦନକାରୀମାନେ ସେମାନଙ୍କୁ ପୌରପାଳିକା ପରିଷଦର ସଦସ୍ୟ ଭାବରେ କାର୍ଯ୍ୟ କରିବାରୁ ରୋକିବା ପାଇଁ ହକଦାର । ଏହା ହୋଇପାରେ, ଯେପରି ଆମେ ପୂର୍ବରୁ ମନ୍ତବ୍ୟ ଦେଇଛୁ, ଯେ ଆବେଦନକାରୀମାନେ ଉପଯୁକ୍ତ ଭାବରେ ପ୍ରସ୍ତୁତ କାର୍ଯ୍ୟାନୁଷ୍ଠାନରେ ପୌରପାଳିକାର କରଦାତା ଭାବରେ ଏପରି ପ୍ରତିକାର ଦାବି କରିପାରିବେ, କିନ୍ତୁ ଅନୁଚ୍ଛେଦ 15(1) କିମ୍ବା ଅନୁଚ୍ଛେଦ 14 ଅନୁଯାୟୀ ଆବେଦନକାରୀଙ୍କ ମୌଳିକ ଅଧିକାରକୁ କାର୍ଯ୍ୟକାରୀ କରିବାର କୌଣସି ପ୍ରଶ୍ନ ନାହିଁ । ପ୍ରତିବାଦୀ 3, ଯିଏ କି କେବଳ ଜଣେ ମନୋନୀତ ସଦସ୍ୟ, ତାଙ୍କ ବିରୋଧରେ ସେହି ଆଧାରରେ ପ୍ରତିକାର ମାଗିବା ପାଇଁ ଏପର୍ଯ୍ୟନ୍ତ କମ୍ ଆଧାର ରହିଛି ।

*1953*

*ନୈନ୍ ସୁଖ୍ ଦାସ୍ ଏବଂ ଅନ୍ୟଜଣେ ବନାମ ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ*

*ପତଞ୍ଜଳି ଶାସ୍ତ୍ରୀ ପ୍ରଧାନ ନ୍ୟାୟାଧୀଶ*

ଆବେଦନକାରୀମାନେ ସେମାନଙ୍କ ପ୍ରତିକାର ବ୍ୟବସ୍ଥାକୁ ଭୁଲ୍ ଭାବରେ ଗ୍ରହଣ କରିଥିବା ପରି ମନେହୁଏ ଏବଂ ଅନୁଚ୍ଛେଦ 32 ଅନୁଯାୟୀ ସେମାନଙ୍କର ଆବେଦନ ବିଫଳ ହେବା ପ୍ରଯୁଜ୍ୟ । ଆବେଦନଟି ଗୋଟିଏ ସେଟ୍ ଖର୍ଚ୍ଚ ସହିତ ଖାରଜ କରାଗଲା ।

ଆବେଦନ ଖାରଜ କରାଗଲା ।

ଆବେଦନକାରୀମାନଙ୍କ ପାଇଁ ପ୍ରତିନିଧି: କେ. ଏଲ୍. ମେହେଟ୍ଟା ।

ପ୍ରତିବାଦୀ ସଂଖ୍ୟା 1 ପାଇଁ ପ୍ରତିନିଧି: ସି. ପି. ଲାଲ୍ ।

ପ୍ରତିବାଦୀ ସଂଖ୍ୟା 4 ପାଇଁ ପ୍ରତିନିଧି: ଏସ୍. ପି. ବର୍ମା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।